## ସଂକ୍ଷେପରେ

### କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

ବାଲିଗୁଡା,୧୭।୨(ଡି.ଏନ୍.ଏ.): ବାଲିଗୁଡା ନୂଆସାହିସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ମହେଶ୍ୱର ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଚନ୍ଦ୍ର ଖଣ୍ଡଗିରି, ସମ୍ମାନିତ ଅତିଥି ଭାବେ ଏବିଇଓ ବୈକୁଣ୍ଠ ସେନାପତି, ସିଆରସିସି ଗୌରୀଶଙ୍କର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁକଦେବ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଢ଼ୀ ପ୍ରମୁଖ ଉଦବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ସଚଳା ମିଶ୍ର, ଗୀତାଞ୍ଜଳି ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଶିକ୍ଷକ ଶିଶିରକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ବତୀ ସାହାଣୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଚଳିତ ଶିକ୍ଷା ବର୍ଷ କେଜିବିଭିର ଶ୍ରେଷ୍ଠ ଅଷ୍ଟମ ଶ୍ରେଣୀ ଛାତ୍ରୀ ନିହାରିକା ମଲ୍ଲିକଙ୍କୁ ମଦର ଟେରେସା ପୁରସ୍କାର, ସ୍ୱେଚ୍ଛାସେବୀ ଭାବେ ଅଷ୍ଟମ ଶ୍ରେଣୀ ଛାତ୍ର ଧନଞ୍ଜୟ ପାତ୍ର, ଜ୍ୟୋତିରଞ୍ଜନ ପାତ୍ର, ସପ୍ତମ ଶ୍ରେଣୀ ଛାତ୍ରୀ ମୁନିମା ମଳିକ ଏବଂ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ରଜନୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କୁ ହତ୍ୟା ଘଟଣା, ସ୍ୱାମୀ ଅଟକ

ଛତ୍ରପୁର,୧୭।୨(ଡି.ଏନ୍.ଏ.)-ଛତ୍ରପୁର ଥାନା ଅଧୀନ ବିପୁଲିଙ୍ଗି ଗାଁରେ ସୁପ୍ରଭା ଚୌଧୁରୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ସୁପ୍ରଭାଙ୍କ ସ୍ୱାମୀ ରାଧାଶ୍ୟାମ ଚୌଧୁରୀଙ୍କୁ ଛତ୍ରପୁର ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ରାଧାଶ୍ୟାମ ସବୁଦିନ ଭଳି ବୁଧବାର ରାତିରେ ରାତିରେ ଖାଇପିଇ ଗାଁରେ ଥିବା ତାଙ୍କ ଦୋକାନକୁ ଶୋଇବାକୁ ଯାଇଥିଲେ । ସୁପ୍ରଭା ଏକାକୀ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ଘର ପଛପଟ କବାଟ ଭାଙ୍ଗି କେହି ଘରେ ପଶି ସୁପ୍ରଭାଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ଚୋଟ ପରେ ଚୋଟ ପକାଇ ହତ୍ୟା କରିଥିଲେ। ସୁପ୍ରଭାଙ୍କୁ ହତ୍ୟା କରାଯାଇଥିବା ଏବଂ ସୁନା ଓ ଟଙ୍କା ଚୋରି ହୋଇଥିବା ନେଇ ରାଧାଶ୍ୟାମ ଛତ୍ରପୁର ଥାନାରେ ଏତଲା ଦେଇଥିଲେ।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ପୋଲସରା,୧୭।୨(ଡି.ଏନ୍.ଏ.)- ପୋଲସରା ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ୪୧୪ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଏଥିସହିତ ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୩୮ ଜଣ ଓ ଇନ୍ଦିରା ଗାନ୍ଧୀ ବିଧବା ଭତ୍ତା ଯୋଜନାରେ ୨୦ ଜଣ ମଧ ଭତ୍ତା ପାଇଛନ୍ତି। ପୋଲସରା ବିଧାୟକ ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ କୈଳାସ ଚନ୍ଦ୍ର ମୁର୍ମୁ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ କୁମାର ନାୟକ, ଘନଶ୍ୟାମ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ବିଧାୟକ ପ୍ରତିନିଧି ସୁକାନ୍ତ ଭୂୟାଁ, ଯୁବ ସଙ୍ଗଠକ ନରେନ୍ଦ୍ର ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# କାଳିପଲ୍ଲୀ ଗାଁ କମିଟି ସହ ଜିଲାପାଳଙ୍କ ଆଲୋଚନା

- ସ୍ମାର୍ଟକେମ୍ କମ୍ପାନୀ ପ୍ରତିଷ୍ଠା, ଟାଟା ପ୍ରକଳ୍ପ ପାଚେରି ନିର୍ମାଣ ପ୍ରସଙ୍ଗ
- ମହାରାଷ୍ଟ୍ର ପରିଦର୍ଶନରେ ଯିବେ

ଛତ୍ରପୁର,୧୭।୨(ଡି.ଏନ୍.ଏ.)

ଛତ୍ରପୁର ଉପକଣ୍ଠ କାଳିପଲ୍ଲୀ ନିକଟରେ ଟାଟା ଏସ୍ଇଜେଡ୍ରେ ସ୍ମାର୍ଟକେମ୍ ଟେକ୍ନୋଲଜିର ଆମୋନିୟମ ନାଇଟ୍ରେଟ୍ କମ୍ପାନୀକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି । ଅନ୍ୟପକ୍ଷରେ ଗତ ବୁଧବାର ଟାଟା ପ୍ରକଳ୍ପର ପାଚେରି ନିର୍ମାଣକୁ ବିରୋଧ କରିଥିବାରୁ ପୋଲିସ ୧୫ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କାଳିପଲ୍ଲୀ ଗାଁ କମିଟିର ଏକ ପ୍ରତିନିଧି ଦଳ ସହ ଆଲୋଚନା ବୈଠକ କରିଛନ୍ତି। ଡିନୋଟିଫିକେସନ କାମ ଆରମ୍ଭ ହୋଇ ହିତାଧିକାରୀଙ୍କ ସର୍ଭେ କାମ ଆରମ୍ଭ ହେବ । ଏଥିରେ ସହଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଆମୋନିୟନ ନାଇଟ୍ରେଟ୍ ପ୍ରକଳ୍ପ ସ୍ଥଳକୁ ମହାରାଷ୍ଟ୍ରରେ କମ୍ପାନୀର ଥିବା ସ୍ଥାନୀୟ ଲୋକଙ୍କୁ ନେବାକୁ ପ୍ରସ୍ତାବ ଦିଆଯାଇଥିଲା । ୫୦ଜଣଙ୍କୁ ନେବାକୁ ଗାଁ କମିଟି ପକ୍ଷରୁ କୁହାଯାଇଥିବା ବେଳେ ୨୦ ଜଣଙ୍କୁ ନେବାକୁ ପ୍ରଶାସନ ରାଜି ହୋଇଛି। ଟାଟାର ପାଚେରି ମଧ୍ୟରେ କେତେକଙ୍କ ଜମି ଅଛି, ସେମାନଙ୍କୁ କ୍ଷତିପୂରଣ ଦେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହ ଗିରଫମାନଙ୍କୁ ଜେଲରୁ ମୁକୁଳିବା ବ୍ୟବସ୍ଥା କରିବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପାଚେରୀ ନିର୍ମାଣ ଏବଂ ଏଥିରେ କାମ ଯୋଗାଇବାକୁ ଗାଁ କମିଟି ପକ୍ଷରୁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏସବୁ ଉପରେ ବିଚାର ହେବ ବୋଲି ଜିଲାପାଳ କହିଥିବା ଗାଁ କମିଟି ସୂଚନା ଦେଇଛି । ତେବେ ମହାରାଷ୍ଟ୍ର ଯାଇ ଫେରିବା ପର୍ଯ୍ୟନ୍ତ ସ୍ମାର୍ଟକେମ୍ ଟେକ୍ନୋଲଜିର ଆମୋନିୟମ ନାଇଟ୍ରେଟ କମ୍ପାନୀ ପ୍ରତିଷ୍ଠାକୁ ବିରୋଧ ଜାରି ରହିବ ବୋଲି ଗାଁ କମିଟି କହିଛି। ସେପଟେ ଗିରଫମାନଙ୍କ ଲାଗି ହୋଇଥିବା ଜାମିନ ଆବେଦନକୁ ସ୍ଥାନୀୟ ଏସଡିଜେମ୍ କୋର୍ଟରେ ଖାରଜ ହୋଇଛି । ଏଡିଜେ କୋର୍ଟରେ ଜାମିନ ଆବେଦନ ହୋଇଥିବା ଗାଁ କମିଟି ସଭାପତି ବି.ମୋହନ ପାତ୍ର ସୂଚନା ଦେଇଛନ୍ତି।

### ଏନଓସି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ

ସ୍ମାର୍ଟକେମ୍ ଟେକ୍ନୋଲଜିର ଆମୋନିୟମ ନାଇଟ୍ରେଟ୍ କମ୍ପାନୀ ପାଇଁ ଦିଆଯାଇଥିବା ଏନଓସି ପ୍ରତ୍ୟାହାର କରିବାକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି । ଏହା ତୁରନ୍ତ ପ୍ରତ୍ୟାହାର କରା ନଗଲେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇବ । ଏଥିପାଇଁ ଗଞ୍ଜାମ ଜିଲାପାଳ ଓ ଏସପି ଦାୟୀ ରହିବେ ବୋଲି ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ୨ଟି ମିଥ୍ୟା ମାମଲା ରୁଜୁ କରାଯାଇଛି। ଏହାକୁ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ଭାରତୀୟ ବିକାଶ ପରିଷଦ ଓ କାଳିପଲ୍ଲୀ ଗ୍ରାମବାସୀଙ୍କ ମିଳିତ ଭାବେ ସ୍ମାର୍ଟକେମ୍ କମ୍ପାନୀ ପ୍ରତିଷ୍ଠାକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟ ଏହାର ଶୁଣାଣି କରି ୨୦୨୨ ଡିସେମ୍ବର ୮ ତାରିଖରେ ରାଜ୍ୟ ଓ କେନ୍ଦ୍ର ସରକାର, ଗଞ୍ଜାମ ଜିଲାପାଳ ଓ ସ୍ମାର୍ଟକେମ୍ ଟେକ୍ନୋଲଜି କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୈଫୟତ ତଲବ କରିଥିଲେ ।

### ଅଚିହ୍ନା ଯୁବକଙ୍କ ମୃତଦେହ ଜବତ

ଗଞ୍ଜାମ,୧୭।୨(ଡି.ଏନ୍.ଏ.)

ରମ୍ଭା ଥାନା ତଥା ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ସ୍ଥିତ ବଟେଶ୍ୱର ମନ୍ଦିର ନାମଯଜ୍ଞ ମଣ୍ଡପ ଦକ୍ଷିଣ ପାର୍ଶ୍ୱ ଏକ ଛୋଟ ରୁମରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ କରିଛି ହୁମା ଫାଣ୍ଡି ପୋଲିସ। ମୃତଦେହ ସମ୍ପୂର୍ଣ୍ଣ ପଚିସଢ଼ି ଯାଇଥିବା ଯୋଗୁଁ ପରିଚୟ ମିଳି ପାରିନାହିଁ। ପଚା ଦୁର୍ଗନ୍ଧ ହେବାରୁ ସେଠାରେ ଦୋକାନ କରିଥିବା ଲୋକମାନେ ଖୋଜାଖୋଜି କରିବା ପରେ ଟ୍ରାନ୍ସଫର୍ମର ପାଖରେ ଥିବା ପେନାଲ ରୁମରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ଖବରପାଇ ହୁମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସାଇଣ୍ଟିଫିକ ଟିମ ଆସି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି।

# ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟରେ ଖୋଲିବ ନବମ ଶ୍ରେଣୀ

### ବିବାଦ ପରେ ସ୍ୱୀକୃତି ମିଳିଲା


ଉପସ୍ଥିତ ବିଦ୍ୟାଳୟ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

ଭଞ୍ଜନଗର,୧୭।୨(ଡି.ଏନ୍.ଏ.)

କରୋନା ସମୟରେ ଭଞ୍ଜନଗର ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟକୁ ନବମ ଏବଂ ଦଶମ ଶ୍ରେଣୀ ଖୋଲିବା ପାଇଁ ଶେଷ ମୁହୂର୍ତ୍ତରେ ସ୍ୱୀକୃତି ମିଳି ନ ଥିଲା। ତେଣୁ ୨୦୨୦ –୨୧ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର ଦୂରଶିକ୍ଷା ମାଧ୍ୟମରେ ପରୀକ୍ଷା ଦେଇଥିଲେ। ସେ ସମୟରେ ରାଜ୍ୟ ସରକାର ଦୂର ଶିକ୍ଷାରେ ନାମ ଲେଖାଇ ଥିବା ଛାତ୍ରୀଛାତ୍ରଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ବିନା ପରୀକ୍ଷାରେ ପାସ କରି ଦେଇଥିଲେ। ଦୂର ଶିକ୍ଷାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିଲା। ଏହାକୁ ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଆନ୍ଦୋଳନ କରିଥିଲେ। ତଥାପି ସରକାର ଏ ନେଇ କୌଣସି କୋହଳ ମନୋଭାବ ଦେଖାଇ ନଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଲିଖିତ ପରୀକ୍ଷା ଦେଇ ସମସ୍ତେ ଉର୍ତ୍ତୀର୍ଣ୍ଣ ହୋଇଥିଲେ। ଅଞ୍ଚଳର ଏକ ଭଲ ଅନୁଷ୍ଠାନ ହୋଇଥିଲେ ମଧ କୌଣସି କାରଣରୁ ପ୍ରଶାସନ ସେ ସମୟରେ ନବମ ଶ୍ରେଣୀ ଖୋଲିବାକୁ ଅନୁମତି ଦେଇ ନ ଥିଲା। ଶୁକ୍ରବାର ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ଭଞ୍ଜନଗର ସାଇଗୁରୁକୁଳ ଆବାସିକ ବିଦ୍ୟାଳୟକୁ ଚଳିତ ଶିକ୍ଷାବର୍ଷ ନିମନ୍ତେ ୨୦୨୨–୨୩ ଠାରୁ ନବମ ଶ୍ରେଣୀ ଖୋଲିବାକୁ ଚିଠି ନଂ.୪୯୨୩ରେ ଅନୁମତି ପ୍ରଦାନ କରାଯାଇଛି। ଏହି ଖବର ପହଞ୍ଚିବା ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ ଓ ଅଭିଭାବଙ୍କ ମଧ୍ୟରେ ଖୁସି ଖେଳିଯାଇଛି । ଶୁକ୍ରବାର ବିଦ୍ୟାଳୟରେ ଏକ ଆଲୋଚନା ସଭା ସଭାପତି ଶୁଳପାଣି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ଅଧକ୍ଷ ଅଜିତ କୁମାର ଶତପଥୀ, ପରିଚାଳନା କମିଟି ସଭ୍ୟ ସାନ୍ତନୁ ତ୍ରିପାଠୀ, ସଭ୍ୟା ବାସନ୍ତୀ ରାଉତ, ପ୍ରଧାନ ଗୁରୁଜୀ ପଞ୍ଚାନନ ସାହୁ, ବରିଷ୍ଠ ଶିକ୍ଷକ ରବିନାରାୟଣ ମହାନ୍ତି, ଶିକ୍ଷକ ପଦ୍ମଲୋଚନ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇଥିଲେ।

### ଗାଁ ବଇଦଙ୍କୁ ଆକ୍ରମଣ

ଦିଗପହଣ୍ଡି,୧୭।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ପିତାମ୍ବରପୁର ଗ୍ରାମରେ ଜଡ଼ି ବୁଟି ଚିକିତ୍ସା କରୁଥିବା ଗାଁ ବଇଦ ବଙ୍ଗାଳୀ ସେଠୀଙ୍କୁ ଶୁକ୍ରବାର ଅପରାହ୍ନରେ କେତେକ ଦୁର୍ବୃତ୍ତ ପାଞ୍ଚଆମ୍ବ ଛକ ନିକଟରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ଖୋଡାସିଙ୍ଗି ଅଞ୍ଚଳର ୨ ଜଣ ଯୁବକ ବଙ୍ଗାଳୀଙ୍କ ଘରକୁ ଆସି ତାଙ୍କୁ ମଧୁମେହ ରୋଗର ଔଷଧ ମାଗିଥିଲେ। ଔଷଧ ସରିଯାଇଛି। ଦିନେ ଦୁଇଦିନ ପରେ ଆସିଲେ ଦେବି ବୋଲି ବଙ୍ଗାଳୀ କହିଥିଲେ। ପରେ ଯୁବକ ଦ୍ୱୟ ପଳାଇଥିଲେ। ଅପରାହ୍ନରେ ବଙ୍ଗାଳୀ ସାଇକେଲ ଯୋଗେ ପିତାମ୍ବରପୁର ରୋଡ଼ ଛକକୁ ଯାଉଥିବା ବେଳେ ଯୁବକ ଦ୍ୱୟ ତାଙ୍କୁ ରାସ୍ତାରେ ଅଟକାଇ ଲୁହାଛଡ଼ରେ ନିସ୍ଠୁକ ମାଡ଼ ମାରି ଚମ୍ପଟ ମାରିଥିଲେ। ବଙ୍ଗାଳୀ ରକ୍ତାକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଥିଲେ। ରାସ୍ତାରେ ଆସୁଥିବା କିଛି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ସୋରଡା,୧୭।୨(ଡି.ଏନ୍.ଏ.)

ସୋରଡ଼ା ଋଷିକୁଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ବ୍ଲକ ଅଧକ୍ଷା ସାଇବାଣୀ ମଲିକ, ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ଉପାଧକ୍ଷା ଭାଗ୍ୟଲତା ଡାକୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅଧକ୍ଷ ଅନିଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିଲେ ସାମୁହିକ ଉନ୍ନତି ସାଧନ ହେବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପିକା ଉଷାରାଣୀ ସାବତ, ରାମଚନ୍ଦ୍ର ବିଶୋୟୀ, ସୀତାରାମ ଗଉଡ, ଅଶୋକ ନାୟକ, ଗୌରି ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଶେଖ ରଫିକ ଉଲ୍ଲା, ସୁଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରୀଙ୍କୁ ନେଇ ଆଲୋଚନା ସଭା

ପାରଳାଖେମୁଣ୍ଡି,୧୭।୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମୋ କଲେଜ ଅଭିଯାନ ତରଫରୁ ପୁରାତନ ଛାତ୍ରୀମାନଙ୍କୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଛାତ୍ରୀମାନଙ୍କ ସହଯୋଗ ପ୍ରସ୍ତାବ ରଖାଯାଇଥିଲା। ଅଧକ୍ଷା ଡ଼ ରୀନା ସାହୁ ସଭାରେ ଅଧକ୍ଷତା କରି ଛାତ୍ରୀମାେ ସେମାନଙ୍କ ଦକ୍ଷତା ଅନୁଯାୟୀ ମହାବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ ପ୍ରଦାନ କରିପାରିବେ ବୋଲି ପ୍ରବର୍ତ୍ତାଇଥିଲେ। ଅଧ୍ୟାପିକା ଡ଼ ଭାରତୀ ପାଣିଗ୍ରାହୀ, ଅଧ୍ୟାପିକା ଡ଼ କଲ୍ୟାଣି ମିଶ୍ର, ଅଧ୍ୟାପିକା ବରଦା ଆଚାର୍ଯ୍ୟ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନେ ଆର୍ଥିକ, ମାନସିକ ଏବଂ ଭାଗବତ ସମ୍ବଳ ଦେଇ ମହାବିଦ୍ୟାଳର ଉନ୍ନତିରେ କିପରି ସହଯୋଗ କରିପାରିବେ ପ୍ରସ୍ତାବ ଦେଇଥିଲେ।

# ବ୍ଲକ ସମ୍ମୁଖରେ ଭାଜପାର ଧାରଣା


ବ୍ଲକ ଅଫିସ ସମ୍ମୁଖରେ ଧାରଣାରତ ଭାଜପା କର୍ମୀ।

ଆସିକା,୧୭।୨(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ତାଲିକାରୁ ବାଦ ଦେବା ଦାବି ନେଇ ଶୁକ୍ରବାର ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଆସିକା ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିକା ବିଡିଓ ଫକୀର ଚରଣ ପରିଡାଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ରାଜ୍ୟ ସରକାର ସମୁଦାୟ ୨୭ଲକ୍ଷ ଲୋକଙ୍କ ପାଇଁ ଘର ଆବଶ୍ୟକ ବୋଲି ମାଗିଥିଲା ବେଳେ କେନ୍ଦ୍ର ସରକାର ୨ଟି ଦଫାରେ ୨୭ଲକ୍ଷ ୫୮ ହଜାର ଘର ପ୍ରଦାନ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ତାଲିକାରେ ପ୍ରାୟ ୩ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ନାମ ରହିଥିବାରୁ ଯୋଗ୍ୟ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସରକାର ତୁରନ୍ତ ଗ୍ରାମସଭା ଆୟୋଜନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ଦାବି କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ ଅରୁଣ ପଣ୍ଡା, ସୂର୍ଯ୍ୟନାରାୟଣ ଦାସ, ଘୁମୁସର ଜିଲା ମହିଳା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ନାରାୟଣ ବେହେରା, ରବିନ୍ଦ୍ର ପୋଲାଇ, ଶ୍ରୀନିବାସ ଭଞ୍ଜ, ଦୁର୍ଗା ପଟ୍ଟନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ତାଲିକାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଧାରଣାରେ ସାମିଲ ଥିଲେ।

### ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ, ୧୭।୨

ଫୁଲବାଣୀ ସଦର ଅବକାରୀ ବିଭାଗ ଶୁକ୍ରବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଗୁଦାରି ଏୟାରଷ୍ଟ୍ରିପ ନିକଟରୁ ଏକ ଅଟୋରୁ ୩୨ କିଲୋ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ନିରଞ୍ଜନ ଦିଗାଲ, ଖଜୁରିପଡ଼ା ଥାନା ଗୁଦାରି ଗ୍ରାମର ବବୁଲ ଦିଗାଲ, ସଦର ଥାନା ଗୁଦାବାରି ଗ୍ରାମର ଅନୀଲ ବେହେରା । ଏ ସଂକ୍ରାନ୍ତରେ ଫୁଲବାଣୀ ସଦର ଅବକାରୀ ବିଭାଗ ୧୨୮/୨୨–୨୩ଏକ ମାମଲା ରୁଜୁ କରିଛି। ଚଢ଼ାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲ, ଓଆଇସି ଭବାନୀ ଶଙ୍କର ସେଠୀ, ସବ ଇନ୍ସପେକ୍ଟର ସୁଜିତ କୁମାର ମୁଦୁଲି ପ୍ରମୁଖ ସାମିଲ ଥିଲେ।

### ଭରତପତି କଲେଜ ଓଡ଼ିଆ ସାହିତ୍ୟ ସମାଜ ବାର୍ଷିକ ଉତ୍ସବ

ପାତ୍ରପୁର,୧୭।୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀସ୍ଥିତ ଭରତପତି କଲେଜ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଶୁକ୍ରବାର ମହାବିଦ୍ୟାଳୟ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ଡିଗ୍ରୀ କଲେଜର ଓଡ଼ିଆ ଅଧାପକ ଡ଼. ସୁଶାନ୍ତ ଜେନା ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧାପିକା ଡ଼. ସୁନନ୍ଦା ତ୍ରିପାଠୀ ଯୋଗଦେଇ ସାହିତ୍ୟ ଓ କବିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସାହିତ୍ୟ ଉପରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଅଧାପକ ଗୋପାଳ କୃଷ୍ଣ ମହାପାତ୍ରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଆ ସମ୍ମାନ ବିଭାଗର ଶ୍ରେଷ୍ଠ ଶିକ୍ଷାର୍ଥୀ ଭାବେ ଏସ.ତ୍ରିପତି, ଆମିସା ଜେନା ଓ ଶିବାନୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଅଧାପକ ଡ଼.ଅଶୋକ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗଣନାଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭୀଷଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମବାୟ କେନ୍ଦ୍ର ବ୍ୟାଙ୍କର ସାଧାରଣ ସଭା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୭।୨(ଡି.ଏନ୍.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ୧୭ତମ ବାର୍ଷିକ ସାଧାରଣ ସଭା ଶୁକ୍ରବାର ସାବିତ୍ରୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ପରିଚାଳନା ପରିଷଦର ସଭାପତି ମଗୁଲୁଧର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାନେତ୍ରୀ ଜ୍ୟୋତିପ୍ରଭା ବାରିକ, ଟିମ୍ପିଶିଲ୍ପ ସଭାପତି ରବିନ୍ଦ୍ର ପଣ୍ଡା, ଏମପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡା ଏବଂ ପରିଚାଳନା ପରିଷଦର ସଦସ୍ୟ ମଞ୍ଚାସୀନ ଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ମିତାଶ୍ରୀ ସାହୁ ବାର୍ଷିକ ବିବରଣୀ ପାଠ କରି ବ୍ୟାଙ୍କର ସାମଗ୍ରୀକ ପରିସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ୧୭ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ କରି ଅନୁମୋଦନ କରାଯାଇଥିଲା । ଅନ୍ୟାନ୍ୟ ଆଲୋଚନା ମଧ୍ୟରେ ୨୦୨୧–୨୨ ଆର୍ଥିକ ବର୍ଷର ବିବରଣୀ, ସମୀକ୍ଷା ଫର୍ଦ୍ଦ ଓ ତତ ସଂଲଗ୍ନ ଆୟବ୍ୟୟ, ପ୍ରାପ୍ୟ ଓ ଦେୟ ହିସାବ ପଠନ କରାଯାଇ ଅନୁମୋଦନ କରାଯାଇଥିଲା। ୨୦୨୨–୨୩ ଓ ୨୦୨୩–୨୪ ବର୍ଷର ବଜେଟ ଓ କାର୍ଯ୍ୟକାରୀ ଉନ୍ନୟନ ଯୋଜନାକୁ ଅନୁମୋଦନ କରାଯିବା ସହ ୨୦୨୧–୨୨ ଆର୍ଥିକ ବର୍ଷର ଲାଭାଂଶ ବଣ୍ଟନ ନିମନ୍ତେ ବୈଠକରେ ଅନୁମୋଦନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ, ହୃଷିକେଶ ମେହେଣା, ତରୁଲତା ବିଷୋୟୀ, ରଞ୍ଜନ କୁମାର ସାହୁ, ନନ୍ଦିନୀ ଭୂୟାଁ, ସୁମନ୍ତ କୁମାର ବିଷୋୟୀ, କେଲା ନାଇକ, ଜ୍ୟୋତ୍ସ୍ନା ଗୌଡ, ନାର୍ଶୁ ପ୍ରଧାନ, ଗଙ୍ଗାଧର ପାତ୍ର, ବିପିନ ବିହାରୀ ସ୍ୱାଇଁ, ବସନ୍ତ କୁମାର ସ୍ୱାଇଁ, ବ୍ୟାଙ୍କର ପୂର୍ବତନ ସଭାପତି ବିରେନ୍ଦ୍ର କେଶରୀ ଆରୁଖଙ୍କ ସମେତ ୨୧୦ଟି କୃଷି ଓ ବାଣିଜ୍ୟିକ ସେବା ସମବାୟ ସମିତିର ପ୍ରତିନିଧି ସାମିଲ ଥିଲେ। ବ୍ୟାଙ୍କର ବରିଷ୍ଠ ଅଧିକାରୀ ନିଳାଞ୍ଚଳ ପଣ୍ଡା, ଗିତାଞ୍ଜଳୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗୀ ଥିଲେ।

# ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ରାଇଟସ୍ ସଚେତନତା ଶିବିର



ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

ଫୁଲବାଣୀ ଅଫିସ,୧୭।୨

ଫୁଲବାଣୀସ୍ଥିତ ଏକ ହୋଟେଲ ପରିସରରେ ଶୁକ୍ରବାର ଇଣ୍ଟେଲକ୍ଚୁଆଲ ପ୍ରପର୍ଟି ରାଇଟସ୍ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏମ୍ଏସ୍ଏମ୍ଇ(ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ) ଡିଏଫଓ (ଡେଭଲପମେଣ୍ଟ ଫାସିଲିଟେସନ ଅଫିସ), ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ କଟକ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ପାଣ୍ଟେଟ, ଜିଆଇ ରେଜିଷ୍ଟ୍ରେଶନ, କପି ରାଇଟ, ଟ୍ରେଡ ମାର୍କ ଉପରେ କନ୍ଧମାଳ ଜିଲାର ଏମ୍ଏସ୍ଏମ୍ଇ ଅଧୀନ ଉଦ୍ୟୋଗୀମାନଙ୍କୁ ଅବଗତ କରାଯାଇଥିଲା। ସେହିପରି ଏମ୍ଏସ୍ଏମ୍ଇ–ଡିଏଫଓ କଟକ ତରଫରୁ ପ୍ୟାଣ୍ଟେଟ, ଜିଆଇ ରେଜିଷ୍ଟ୍ରେସନ, ଟ୍ରେଡମାର୍କ ନେଉଥିବା ଉଦ୍ୟୋଗୀମାନଙ୍କୁ ତାଙ୍କର ଫି(ଖର୍ଚ୍ଚ) ଗୁଡିକ ଫେରାଯାଉଥିବା(ରିମ୍ବର୍ସମେଣ୍ଟ) ସୁବିଧା ଥିବାର ସୂଚନା ଦିଆଯାଇଥିଲା। ଖାଲି ଏତିକି ନୁହେଁ, ଆହୁରି ଅନେକ ବିଷୟରେ ସୂଚନା ଦିଆଯାଇଥିଲା । କେବଳ କମ୍ପାନୀ ଖୋଲିଲେ ହେବନାହିଁ । ତାକୁ ପରିଚାଳନା ଆବଶ୍ୟକ । ଅନେକ ସମୟରେ ଦେଖା ଯାଇଛି କି ଆମର ପାଣ୍ଟେଟକୁ ନେଇ ଅଲଗା ଲୋକ କମ୍ପାନୀ କରି ସାମଗ୍ରୀ ବିକ୍ରି କରୁଛନ୍ତି। ଯାହା ଆମକୁ ପ୍ରତ୍ୟକ୍ଷରେ କ୍ଷତି ପହଞ୍ଚାଉଛି । ତେଣୁ ସମସ୍ତେ ଟ୍ରେଡ ମାର୍କ ନିଅନ୍ତୁ ଏବଂ ନିଜ ପାଣ୍ଟେଟକୁ ନଜର ରଖି ବ୍ୟବସାୟ କରନ୍ତୁ। ଆମେ ଆଗକୁ ବଢ଼ିବାକୁ ହେଲେ ପିଲାମାନଙ୍କୁ ସ୍କୁଲ ଲେଭେଲରେ ବୈଷୟିକ ଜ୍ଞାନକୌଶଳର ଶିକ୍ଷା ଦେବାର ଆବଶ୍ୟକତା ରହିଛି। କାରଣ ପିଲାମାନଙ୍କ ପାଖରୁ ନୂତନ ଆବିଷ୍କାରର ପରିକଳ୍ପନା ମିଳିଥାଏ । ବୈଷୟିକ ଜ୍ଞାନ ପ୍ରଦାନ କରାଯାଉଥିବା ଅନୁଷ୍ଠାନରେ ନୂତନ ପରିକଳ୍ପନାର ପ୍ରକଳ୍ପ ପାଇଁ ଏମ୍ଏସ୍ଏମ୍ଇ ପକ୍ଷରୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଆମ ରାଜ୍ୟରେ ଅନେକ ଜିଲା ଅଛି ଯେଉଁଠି ଏସବୁ ବିଷୟରେ ସୂଚନା ମିଳୁନାହିଁ। ତେଣୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ଏ ଦିଗରେ ଅବଗତ କରାଇବା । ସବୁଦିନ ସବୁ କ୍ଷେତ୍ରରେ ପରିବର୍ତ୍ତନ ହେଉଛି । ଆମକୁ ତାହା ସହ ଖାପ ଖୁଆଇ ଚାଲିବାକୁ ପଡିବ ତାହାଲେ ଆମେ ସଫଳ ଉଦ୍ୟୋଗୀ ହେବା ବୋଲି ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ପରାମର୍ଶ ଦିଆ ଯାଇଥିଲା । କଟକ ଏମ୍ଏସ୍ଏମ୍ଇ–ଡିଏଫଓ ଉପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଦାସ, ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ, କଟକ ଆଇପିଏଫସି ସିଟିସି ବରିଷ୍ଠ ପରିଚାଳକ ଡ. ଏସ୍.କେ କର, କନ୍ଧମାଳ କସମ ସମ୍ପାଦକ ସଞ୍ଜୀତ କୁମାର ପଟ୍ଟନାୟକ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ବିଭୁପ୍ରିୟା ଜେନା, ଜିଲା ଓଏଏସ୍ଏମ୍ଇ ସଭାପତି ପ୍ରଦୀପ ନାୟକ, ସମ୍ପାଦକ ନୀଳମାଧବ ମିଶ୍ର ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉପରୋକ୍ତ ବିଷୟରେ ଅବଗତ କରିଥିଲେ।

## ଏଟିଏମ୍ ଭାଙ୍ଗି ୯ ଲକ୍ଷ ଲୁଟ୍

ପୁରୁଷୋତ୍ତମପୁର,(ଡି.ଏନ.ଏ.)-ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ଛକଠାରେ ଥିବା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ ଭାଙ୍ଗି କେତେଜଣ ଦୁର୍ବୃତ୍ତ ଗୁରୁବାର ରାତିରେ ୯ ଲକ୍ଷ ୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଥାନା ଆଇଆଇସି ପୀୟୂଷ ରଞ୍ଜନ ଛୋଟରାୟ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ପରଖିବା ସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ଏଟିଏମ୍ ଦାୟିତ୍ୱ ନେଇଥିବା ସଂସ୍ଥାର ଚିଫ୍ ମ୍ୟାନେଜର ସଂଗ୍ରାମଜିତ ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୦୮/୨୩ରେ ମାମଲା ରୁଜୁ କରିଛି।

## ଆଜି କ'ଣ କେଉଁଠି

ବୁଗୁଡ଼ା
- ପଞ୍ଚଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ। ସ୍ଥାନ-ବଡଦାଣ୍ଡ ସାହି, ସମୟ-ସକାଳ ୮ଟା।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା
### ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ, ୧୭।୨- ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜୀତ କୁମାର ବେହେରା ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୋଷୀ ଜଣକ ହେଲେ ଜି.ଉଦୟଗିରି ଥାନା ଅଞ୍ଚଳର ଅନଙ୍ଗ ନାୟକ। ୨୦୨୦ ସେପ୍ଟେମ୍ବର ୨୨ ତାରିଖ ସନ୍ଧ୍ୟାରେ ନାବାଳିକା (୫ବର୍ଷ) ଜଣକ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ପଡୋଶୀ ଅନଙ୍ଗ ତାଙ୍କୁ ଜୋରଜବରଦସ୍ତ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ଝିଅଟି ଘରକୁ ଆସିବା ପରେ ମା' ତାଙ୍କ ଅବସ୍ଥା ଦେଖି ଘଟଣା ବିଷୟରେ ଅନଙ୍ଗଙ୍କୁ ପଚାରିବାରେ ସେ ମାନି ନ ଥିଲେ। ଏ ନେଇ ଜି.ଉଦୟଗିରି ଥାନାରେ ନାବାଳିକାଙ୍କ ମା' ଅଭିଯୋଗ କରିଥିଲେ। ପୋଲିସ ନଂ.୭୮/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ଅନଙ୍ଗଙ୍କୁ ଗିରଫ କରିଥିଲା। ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ପୀଡିତାଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

### ୩୦ ଲକ୍ଷର ଅଳଙ୍କାର ଚୋରି

ବ୍ରହ୍ମପୁର ଅଫିସ,୧୭।୨: ବ୍ରହ୍ମପୁର ସାନବଜାର ଛକରେ ସାନ୍ତାରାଣୀ ଇଷ୍ଟେଟରେ ଥିବା ସୁନା ଦୋକାନରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଓ ରୁପା ସାମଗ୍ରୀ ଆଦି ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ବଡବଜାର ଥାନା ପୋଲିସ ନଂ.୪୭/୨୩ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ନୂର ଆଲମ ମଲ୍ଲିକ ସାନବଜାର ଛକରେ ଏକ ସୁନା ଦୋକାନ କରିଛନ୍ତି। ଗତ ୧୪ ତାରିଖ ସକାଳେ ସେ ଦୋକାନ ଖୋଲିବା ପାଇଁ ଯାଇଥିଲେ। ହେଲେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ସେ ଦେଖିବାକୁ ପାଇଥିଲେ। ଦୋକାନ ଭିତରକୁ ଯାଇ ଦେଖିବା ବେଳେ ସେଠାରେ ଥିବା ପୁରୁଣା ସୁନା ୨୮୫ ଗ୍ରାମ, ଚେକି ସୁନା ୩୮୦ ଗ୍ରାମ, ରୁପା ଦୁଇ କେଜି ସେଠାରୁ ଚୋରି ହୋଇଯାଇଥିଲା।

### ଜାତୀୟ ସେବା ଯୋଜନା ତାଲିମ ଶିବିର ଉଦ୍‌ଘାଟିତ

ବୁଗୁଡ଼ା,୧୭।୨(ଡି.ଏନ.ଏ.)-ସ୍ଥାନୀୟ ପିପୁଲ୍ସ ଡିଗ୍ରୀ କଲେଜ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ଉଦଘାଟନ କରିଥିଲେ। ପିପୁଲ୍ସ କଲେଜ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରବୀନ୍ଦ୍ର ନାଥ ପୋଲାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧାପକ ପ୍ରଦୀପ କୁମାର ଦାଶ ଓ ଆତ୍ମପ୍ରକାଶ ନାୟକ ଯୋଗଦେଇ ବିଭିନ୍ନ କଲେଜରୁ ଆସିଥିବା ଏନ୍‌ଏସ୍‌ଏସ୍ ୟୁନିଟର ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଉକ୍ତ ଶିବିରରେ ସାଧନ କର୍ମୀ ଭାବେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦାମ ଚରଣ ବିଷୋୟୀ ଓ ସତୀଶ ଚନ୍ଦ୍ର ନାୟକ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅଧାପିକା ଶୁଭସ୍ମିତା ମହାପାତ୍ର ପରିଚାଳନା କରିଥିଲେ।

### ଚିଟ୍‌ଫଣ୍ଡ ଜମାକାରୀଙ୍କ ପକ୍ଷରୁ ସ୍ମାରକପତ୍ର

ଦିଗପହଣ୍ଡି,୧୭।୨(ଡି.ଏନ୍.ଏ.)-ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଶୁକ୍ରବାର ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଜମାକାରୀ ଚିହ୍ନଟ ପାଇଁ ରାଜ୍ୟ ସରକାର କମିଶନସ୍ତରୀୟ ତଦନ୍ତ ବନ୍ଦ କରି ଦେଇଥିବାରୁ ତୁରନ୍ତ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଜରିଆରେ ଛୋଟ ବଡ଼ ଜମାକାରୀଙ୍କୁ ଚିହ୍ନଟ କରାଯାଉ, ଚିହ୍ନଟ ପ୍ରକ୍ରିୟାରେ ଚିହ୍ନିତ ଅସାଧୁ ସଂସ୍ଥା ବିରୋଧରେ ଜମାକାରୀ ସ୍ୱାର୍ଥ ରକ୍ଷା ଆଇନ ଅନୁଯାୟୀ ମୋକଦମା ପଞ୍ଜୀକରଣ କରାଯିବା, ଅସାଧୁ ସଂସ୍ଥାମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରି ସମସ୍ତ ଛୋଟ ବଡ଼ ଜମାକାରୀଙ୍କୁ ପରିପକ୍ୱ ରାଶି ଉପରେ ସୁଧ ସହ ଫେରସ୍ତ ଆଦି ୪ ଦଫା ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ସମୟରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚର ସ୍ଥାନୀୟ କାର୍ଯ୍ୟକର୍ତ୍ତା କ୍ରିଷ୍ଣାନନ୍ଦ ପଣ୍ଡା, ସୁନିଲ କୁମାର ପଣ୍ଡା, ଦିବାକର ପାଣିଗ୍ରାହୀ, ମହେଶ୍ୱର ପଣ୍ଡା, ଅନନ୍ତ ଜେନା, ଶାନ୍ତନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେୟମୁକ୍ତ ହେଲା ସୁଲଭ ଶୌଚାଳୟ

## ପରିଷ୍କାର ପରିଚ୍ଛନ୍ନତା ପାଇଁ ସାଧାରଣରେ ଦାବି

ବ୍ରହ୍ମପୁର ଅଫିସ,୧୭।୨

ରାଜ୍ୟର ସମସ୍ତ ସହରରେ ଥିବା ଶୌଚାଳୟ ସାଧାରଣ ଲୋକ ମାଗଣାରେ ବ୍ୟବହାର କରିପାରିବେ। ଏ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୬ ତାରିଖରେ ବିଜ୍ଞପ୍ତ ପ୍ରକାଶ ପାଇଛି। ରାଜ୍ୟର ସମସ୍ତ ମ୍ୟୁନିସିପାଲିଟିକୁ ଏ ନେଇ ଚିଠି କରାଯାଇଛି। ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ମଧ୍ୟ ଏହି ନିୟମକୁ କଡାକଡି ପାଳନ କରାଯାଇଛି।

ପ୍ରକାଶଯେ, ବ୍ରହ୍ମପୁରରେ ବିଇଏମ୍‌ସିର ୧୨ ସୁଲଭ ଶୌଚାଳୟ ରହିଛି। ଏଗୁଡିକର ରକ୍ଷଣାବେକ୍ଷଣ ଜାତୀୟ ସୁଲଭ ସୋସିଆଲ ସର୍ଭିସ ସଂସ୍ଥା ଅଧୀନରେ ରହିଛି। ଏଠାରେ ଗାଧୋଇବା ଲାଗି ୧୦ଟଙ୍କା ଓ ଶୌଚ ଲାଗି ୫ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏଥି ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ। ଏ ନେଇ ବିଇଏମ୍‌ସି ସାନିଟେଶନ ବିଭାଗ ପକ୍ଷରୁ ସମସ୍ତ ଶୌଚାଳୟକୁ ଚିଠି କରାଯାଇଥିବା ବିଭାଗୀୟ




ପୁରୁଣା ବସ୍‌ଷ୍ଟାଣ୍ଡ ଶୌଚାଳୟ।

ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ସହରର କୌଣସି ଶୌଚାଳୟ କାନ୍ଥରେ ଚିଠି ନ ଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ବହୁ ଜନସାଧାରଣ ଏବେ ବି ଶୌଚାଳୟ ବ୍ୟବହାର କରିବା ନିମନ୍ତେ ଦେୟ ଦେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଶୌଚାଳୟ ସବୁଠାରୁ ପୁରୁଣା। ଏହି ଶୌଚାଳୟ ୧୯୮୬ରେ ନିର୍ମିତ ହୋଇଥିଲା। ଏଠାରେ ମହିଳା ଓ ପୁରୁଷଙ୍କୁ ମିଶାଇ ୧୫ କୋଠରି ରହିଛି। କିନ୍ତୁ ଏହି ଶୌଚାଳୟଟି ପୁରୁଣା କାରଣରୁ ବର୍ତ୍ତମାନ କୋଠାର ପୁନରୁଦ୍ଧାର ଆବଶ୍ୟକତା ରହିଛି। ଏଥିସହ ଶୌଚାଳୟରେ ରହିଥିବା ହାତ ଶୁଖାଇବା ମେଶିନ କାର୍ଯ୍ୟ କରୁ ନାହିଁ। ତତ୍‌ସହିତ ସ୍ୱଚ୍ଛ ସର୍ବେକ୍ଷଣ ବାର୍ତ୍ତା ନେଇ ଶୌଚାଳୟଟି ପରିଷ୍କାର ଅଛି କି ନାହିଁ ସେ ନେଇ ଏକ ମେଶିନ ଖଞ୍ଜାଯାଇଛି। କିନ୍ତୁ ତାହା ମଧ୍ୟ କାର୍ଯ୍ୟ କରୁ ନାହିଁ।

ଦାୟିତ୍ୱରେ ଥିବା କର୍ମଚାରୀ ଚନ୍ଦନ ଝା କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ମେଶିନ ୨ଟି ଖରାପ ହୋଇଯାଇଛି। ଏହାର ମରାମତି ନେଇ ସୁଲଭ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ ବିଜିପୁର ପୋଖରୀ ନିକଟରେ ଥିବା ମହିଳା ଶୌଚାଳୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହା ପରିସରରେ ଥିବା ଅଫିସ ଭାଙ୍ଗିରୁଜି ଯାଇଛି। ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ମହିଳାମାନେ ଏହାକୁ ବ୍ୟବହାର କରୁନାହାନ୍ତି। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନତା ଲାଗି ସାଧାରଣରେ ଦାବି ହୋଇଛି।



ଶିବରାତ୍ରି ଉପଲକ୍ଷେ କମାପଲୀରେ ଜଣେ ବ୍ୟବସାୟୀ କେତକୀ ଫୁଲ ବିକ୍ରି କରୁଛନ୍ତି। (ଫଟୋ: ସମୀର)

## କେତକୀର ଚାହିଦା

କବିସୂର୍ଯ୍ୟନଗର,୧୭।୨(ଡି.ଏନ.ଏ.)

ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ମହାଦେବଙ୍କ କ୍ରୋଧ ଯୋଗୁ ବର୍ଷତମାମ କେତକୀ ଫୁଲ ଅପୂଜା ରହିଥାଏ। କେବଳ ଶିବରାତ୍ରି ଦିନ ରାତ୍ରର ଶେଷ ପ୍ରହରରେ ଲାଗି ହୋଇଥାଏ। କଥିତ ଅଛି ଏହି ଦିନ ମହାଦେବଙ୍କୁ କେତକୀ ଫୁଲ ଅର୍ପଣ କରି ପୂଜାବିଧି କଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୁଏ। ଏଥିପାଇଁ ଶତାଧିକ ଭକ୍ତ ଦାମିକା କେତକୀ ଫୁଲ କିଣି ଅତନ୍ତ୍ୟ ନିଷ୍ଠାର ଶହ ସାରାରାତି ଉଜାଗର ରହି ପୂଜା କରିଥାନ୍ତି। କବିସୂର୍ଯ୍ୟନଗର ଆଠଗଡ଼ ପାଟଣାରେ କେତକୀ, ଚମ୍ପା, ପଲାଶ ଆଦି ବହୁ ପ୍ରାଚୀନ ଫୁଲ ଦେଖିବାକୁ ମିଳେ। କିଛି ବେପାରୀ କିଆକୁ କେତକୀ କହି ବିକ୍ରି ଦେଇଥାନ୍ତି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ,୧୭।୨(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କୋରଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୌରପରିଷଦ ଉପାଧକ୍ଷା ସୁଚିତ୍ରା ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଓଡ଼ିଶା ମୋ ପରିବାର ରାଜ୍ୟ ସମ୍ପାଦକ ନିଳମଣି ପଟ୍ଟନାୟକ, କାଉନସିଲର ଶ୍ୟାମଘନ ବେହେରା, ସନ୍ତୋଷିନୀ ବେହେରା, ବବିତା ନାହାକ, ସୁଜତା ସ୍ୱାଇଁ ଓ ବିଦ୍ୟାଳୟ ପରିଚାଳନା ସଭାପତି ଟୁନା ସେଠି ଯୋଗଦେଇଥିଲେ।

# ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

## ପୂଜକ ହତ୍ୟା ମାମଲା

ବ୍ରହ୍ମପୁର ଅଫିସ,୧୭।୨

ଅତିରିକ୍ତ ଜିଲା ଜଜ-୩ ଏଡିଜେ ଶୁକ୍ରବାର ଏକ ହତ୍ୟା ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସେ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜରଡ଼ା ଥାନା ଅନ୍ତର୍ଗତ ଚୈତନ୍ୟ ଚନ୍ଦ୍ରପୁର ଶାସନ ଗ୍ରାମର ସୂର୍ଯ୍ୟନାରାୟଣ ପାଢ଼ୀ ଓ କେ. ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିଗଡର ଅନିଲ ଗୌଡ଼। ମୁଖ୍ୟ ଅଭିଯୁକ୍ତ ତଥା ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ଭାଇ ରବି ନାରାୟଣ ପାଢ଼ୀ ପୂର୍ବରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇସାରିଛନ୍ତି। ପ୍ରକାଶ ଯେ, ଚୈତନ୍ୟଚନ୍ଦ୍ରପୁର ଗ୍ରାମର ସଞ୍ଜୟ ରଣା ଉକ୍ତ ଗ୍ରାମରେ ଥିବା ନୃସିଂହମନ୍ଦିର ପୂଜକ ଥିଲେ। ସଞ୍ଜୟଙ୍କ ସହ ଉକ୍ତ ଗ୍ରାମର ରବି ନାରାୟଣ ପାଢ଼ୀ ଓ ତାଙ୍କ ଭାଇ ସୂର୍ଯ୍ୟନାରାୟଣ ପାଢ଼ୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ତିକ୍ତତା ରହିଥିଲା। ୨୦୧୫ ଜୁନ ୧୩ରେ ପୂର୍ବାହ୍ନରେ ସଞ୍ଜୟ ରଣା ମନ୍ଦିର ଛାତ ଉପରେ ଥିବା ମଇଳା ସଫା କରୁଥିଲେ। ରବି ତାଙ୍କ ଭାଇ ସୂର୍ଯ୍ୟ ଓ ତାଙ୍କର ଜଣେ ସହଯୋଗୀ ଅନୀଲ ଗୌଡ଼ ମନ୍ଦିର ଛାତକୁ ଯାଇ ସଞ୍ଜୟଙ୍କୁ ସଂଘବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି ମନ୍ଦିର ଛାତରୁ ସଞ୍ଜୟଙ୍କୁ ଠେଲି ହତ୍ୟା କରିଥିଲେ। ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଏମ୍‌କେସିଜି ମେଡିକାଲ ପଠାଇଥିଲା। ପରେ ଏନେଇ ସଞ୍ଜୟଙ୍କ ଭାଇ ସନ୍ତୋଷ ଜରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୪/୧୫ ଏକ ମାମଲା ରୁଜୁକରି ମୁଖ୍ୟ ଅଭିଯୁକ୍ତ ରବିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂର୍ଯ୍ୟ ଓ ଅନୀଲ ଫେରାର ହୋଇଯାଇଥିଲେ। ୨୦୧୫ ଅକ୍ଟୋବର ୧୦ରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ପ୍ରମାଣ ଅଭାବରୁ ରବି ନାରାୟଣ ପାଢ଼ୀ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ୨୦୧୮ ମଇ ୨୨ରେ ସୂର୍ଯ୍ୟନାରାୟଣ ଓ ଅନୀଲ ହାଇକୋର୍ଟରୁ ଜାମିନ ପାଇ ତଳ କୋର୍ଟରେ ହାଜର ହୋଇ ଜାମିନରେ ଯାଇଥିଲେ। ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁଣାଣି ବେଳେ ଉଭୟ ଅଭିଯୁକ୍ତ ସୂର୍ଯ୍ୟନାରାୟଣ ଓ ଅନିଲ କୋର୍ଟରେ ହାଜର କରାଯାଇଥିଲା।

# ସିୟୁଟିଏମ୍‌ର ଗଜଜ୍ୟୋତି ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୭।୨ (ଡି.ଏନ୍.ଏ):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ସେଞ୍ଚୁରିୟାନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ)ର ବାର୍ଷିକ ଉତ୍ସବ 'ଗଜଜ୍ୟୋତି' ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୪ଦିନ ଧରି ଚାଲୁ ରହିଥିଲା। ଏହି ଚାରି ଦିନ ସିୟୁଟିଏମ୍‌ର ଛାତ୍ରୀଛାତ୍ର, ଅଧାପକ ଅଧାପିକା, ନନଟିଚିଙ୍ଗ ଷ୍ଟାଫଙ୍କ ସମେତ ସମସ୍ତ କର୍ମଚାରୀମାନେ ଉତ୍ସବର ମଜା ନେଇଥିଲେ। ଆକର୍ଷଣୀୟ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗାରଙ୍ଗ ମଞ୍ଚ, ନୃତ୍ୟ, ଗୀତ, ଡ୍ରାମା ଆଦିରେ ମଞ୍ଚ ଦୁଲୁକିଥିଲା। ସିୟୁଟିଏମ୍‌ର ଉପସଭାପତି ଡ. ଡିଏନ ରାଓ, ଭାଇସ ଚାନ୍ସଲର ଡ. ସୁପ୍ରିୟା ପଟ୍ଟନାୟକ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ଡିନ ଷ୍ଟୁଡେଣ୍ଟ ଆଫାୟାର ଡ. ଅତନୁ ଦେବ, ଡିନ୍ ପ୍ରଶାସକ ଡ. ଏସ.ପି. ନନ୍ଦ, ଡିନ ଆଡମିଶନ ଡ.ଦୁର୍ଗା ପାଢୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅଧକ୍ଷା, ଅଧାପକ ଓ ଅତିଥିବୃନ୍ଦ ।

ବ୍ରହ୍ମପୁର ଅଫିସ, ୧୭।୨

ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅଧକ୍ଷା ଡ.ପ୍ରମିଳା ଖାଡଙ୍ଗା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧକ୍ଷ ଡ.କୁଳମଣି ଓଝା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଉପଦେଷ୍ଟା ଅଧାପକ ଆନନ୍ଦ ସେଠୀ କାର୍ଯ୍ୟକ୍ରମ ସଂଯୋଜନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦ ଉପସଭାପତି ଡ.ସ୍ନିଗ୍ଧା ସୁହାଗିନୀ ଓ ସ୍ନେହାସିନୀ ପ୍ରଧାନ ମଞ୍ଚାସୀନ ଥିଲେ। ଏଥିରେ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ଉତ୍ତମ ଭବିଷ୍ୟତ ଗଠନ ହେବା ନିମନ୍ତେ ଉଦ୍‌ବୋଧନ ଦେଇଥିଲେ। ଅଧକ୍ଷା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଆଚାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଡ.ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ରବିନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

# ପ୍ରେମଜନିତ ହତ୍ୟା ଅଭିଯୋଗ

ବ୍ରହ୍ମପୁର ଅଫିସ,୧୭।୨

ବ୍ରହ୍ମପୁର ଜିଆରପି ପୋଲିସ ଶୁକ୍ରବାର ଗୋପାଳପୁର ଲେଭଲକ୍ରସିଂ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଗୋପାଳପୁର ଥାନା ଅନ୍ତର୍ଗତ ଭଞ୍ଜବିହାରର କୈଳାସ ଗୌଡ଼ଙ୍କ ପୁଅ ଦୀପକ (୨୬)। ପୋଲିସ ମୃତ ଯୁବକଙ୍କ ପକେଟରୁ ଏକ ମନିପର୍ସ ଜବତ କରିଛି। ସେଥିରେ ୧୧୦୦ ଟଙ୍କା, ଅନ୍ୟାନ୍ୟ କାଗଜପତ୍ର ଥିବା ପୋଲିସ କହିଛି। ସେହିପରି ଏକ ମୋବାଇଲ ଫୋନ ମଧ୍ୟ ଜବତ ହୋଇଥିବା ଜଣାପଡିଛି। ମୃତକଙ୍କ ଭାଇ ରାଜେଶ ଗୌଡ଼ ଓ ପରିବାର ଲୋକ ଠୋରେ ପହଞ୍ଚିଥିଲେ। ଦୀପକ ଜଣେ ଝିଅକୁ ଭଲ ପାଉଥିଲେ। ସେ ଝିଅଙ୍କ ପରିବାର ଲୋକ ଏହାର ଦୃଢ଼ ବିରୋଧ କରିଥିଲେ। ଏଣୁ ସମ୍ପୃକ୍ତ ପରିବାର ଲୋକ ଦୀପକଙ୍କୁ ରାସ୍ତାରୁ ହଟାଇବା ପାଇଁ ଶେଷରେ ହତ୍ୟା କରି ରେଳଧାରଣାରେ ପକାଇ ଦେଇଥିଲେ ବୋଲି ତାଙ୍କ ଭାଇ ରାଜେଶ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ନଂ.୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରାଥମିକ ଅନୁସନ୍ଧାନରୁ ଦୀପକଙ୍କ ମୁଣ୍ଡ ଶରୀରଠାରୁ ଅଲଗା ହୋଇ ରେଳଧାରଣାରେ ପଡିଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ସେହିପରି ପୋଲିସ ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଆଧାରକରି ତଦନ୍ତ କରୁଥିବା କହୁଛି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଦୀପକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଦୀପକ ଜଣେ ଅଟୋ ଚାଳକ। କୌଣସି କାରଣରୁ ସେ ଗୁରୁବାର ରାତିରେ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକ ଚିନ୍ତିତ ଥିଲେ। ଶୁକ୍ରବାର ସକାଳେ ଗୋପାଳପୁର ଲେଭଲକ୍ରସିଂ ରେଳଧାରଣାରେ ମୃତଦେହ ପଡିଥିବା ଖବର ପାଇ ତାଙ୍କ ପରିବାର ଲୋକ ସେଠାରେ ପହଞ୍ଚିଥିଲେ। ସେଠାରେ ପୋଲିସ ଉପସ୍ଥିତିରେ ମୃତ ଯୁବକ ଦୀପକଙ୍କୁ ତାଙ୍କ ଭାଇ ରାଜେଶ ଚିହ୍ନଟ କରିଥିଲେ ବୋଲି ପୋଲିସଠାରୁ ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଥିବା କହିଛି।

# ସଭାନେତ୍ରୀ, ସମ୍ପାଦିକାଙ୍କୁ ବହିଷ୍କାର ଦାବିକଲା ସଂଘ

ଗୋପାଳପୁର,୧୭।୨(ଡି.ଏନ୍.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ନାରାୟଣପୁର ପଞ୍ଚାତସ୍ତରୀୟ ସଂଘର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ବହିଷ୍କାର ଦାବିରେ ଶୁକ୍ରବାର ମହିଳା ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପଞ୍ଚାୟତସ୍ତରୀୟ ମହିଳା ସଂଘର ସଭାନେତ୍ରୀ ଓ ସମ୍ପାଦିକା ଗତ ୬ ବର୍ଷ ଧରି ରହିଛନ୍ତି। ସେମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି। ସିଆରପି ଓ ଏମ୍‌ବିକେ ଯେଉଁମାନେ ତାଙ୍କ କଥା ମାନୁଛନ୍ତି ସେମାନଙ୍କର ହିଁ ମାସିକ ଦରମା କରୁଥିଲା ବେଳେ ଅନ୍ୟମାନଙ୍କ ଦରମା କରୁନାହାନ୍ତି। ନିଜ ଘରେ ନଥିପତ୍ର ରଖୁଛନ୍ତି। ଫଳରେ ବିଭିନ୍ନ ସମସ୍ୟା ଦେଖାଦେଉଛି। ତାଙ୍କ ସମ୍ପର୍କୀୟଙ୍କୁ ହିଁ ପ୍ରାଣୀମିତ୍ର ଓ କୃଷିମିତ୍ର ରଖୁଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ବହିଷ୍କାର କରାଯାଉ। ଉକ୍ତ ପଞ୍ଚାୟତରେ ୮୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ସେମାନଙ୍କୁ କୌଣସି ବୈଠକ ବିଷୟରେ ସୂଚନା ଦେଇ ମନଇଚ୍ଛା ରେଜୁଲେସନ କରି ପାସ କରୁଛନ୍ତି। ଏଭଳି ବିଭିନ୍ନ ଦାବି ନେଇ ମହିଳା ମା'ମାନେ ବିଡ଼ିଓ ବିଶ୍ୱଜିତ ରାୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଜିଲାପାଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ରହ୍ମପୁର ଉପଜିଲାପାଳଙ୍କୁ ପଠାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

# ଏମ୍‌କେସିଜିରେ ସୁପ୍ରିମକୋର୍ଟ ରୋଡ୍ ସେଫ୍ଟି କମିଟି ସମ୍ପାଦକ

ବ୍ରହ୍ମପୁର ଅଫିସ,୧୭।୨

ବିଭିନ୍ନ ରାଜ୍ୟରେ ସଡକ ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁ ଘଟିଛି। ଏହାକୁ କିପରି ରୋକାଯାଇ ପାରିବ ସେନେଇ ସୁପ୍ରିକୋର୍ଟଙ୍କ ଦ୍ୱାରା ଏକ ରୋଡ଼ ସେଫ୍ଟି କମିଟି ଗଠନ କରାଯାଇଛି। ଏହାର ସମ୍ପାଦକ ସଞ୍ଜୟ ମିତ୍ତଲ ଶୁକ୍ରବାର ବ୍ରହ୍ମପୁର ଗସ୍ତରେ ଆସି ବଡ଼ ଡାକ୍ତରଖାନା ପରିସରରେ ଥିବା ଟ୍ରମା କେୟାର୍ ସେଣ୍ଟର୍ ଓ କାଜୁଆଲିଟି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କୁ କିଭଳି ଚିକିତ୍ସାସେବା ଯୋଗାଇ ଦିଆଯାଉଛି ସେ ନେଇ ବୁଲି ଦେଖିଥିଲେ। ଏହା ସହିତ ବିଭାଗୀୟ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଓଟିରେ ଥିବା ସୁବିଧା ଉପରେ ପଚାରି ବୁଝିଥିଲେ। ରୋଗୀଙ୍କୁ ନେବା ଆଣିବା ପାଇଁ ଥିବା ବ୍ୟାଟେରି ଚାଳିତ ଗାଡ଼ି ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ। ରୋଡ଼ ସେଫ୍ଟି କମିଟି ସମ୍ପାଦକ ମିତ୍ତଲ ଶୁକ୍ରବାର ମଧ୍ୟାହ୍ନରେ

## ଟ୍ରମା କେୟାର୍ ସେଣ୍ଟର୍, କାଜୁଆଲଟି ବୁଲି ଦେଖିଲେ



ସୁପ୍ରିମକୋର୍ଟ ରୋଡ଼ ସେଫ୍ଟି କମିଟି ଟ୍ରମା କେୟାର୍ ସେଣ୍ଟର୍, କାଜୁଆଲିଟି ବୁଲି ଦେଖୁଛନ୍ତି ।

ବଡ଼ ଡାକ୍ତରଖାନାରେ ପହଞ୍ଚିଥିଲେ। ଏହି ସମୟରେ ଅତିରିକ୍ତ ଡିଏମ୍‌ଇଟି ତଥା ରାଜ୍ୟ ଟ୍ରମା ଓ ବର୍ନ କେୟାର୍ ୟୁନିଟ୍ ନୋଡାଲ୍ ଅଫିସର୍ ପ୍ରଫେସର ଉମାକାନ୍ତ ଶତପଥୀ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏସ୍‌ପି. ଜଗମୋହନ ମୀନା, ବଡ ମେଡିକାଲ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର, ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ନରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଶତପଥୀ କହିଛନ୍ତି, ସୁପ୍ରିକୋର୍ଟଙ୍କ ଦ୍ୱାରା ଗଠିତ କମିଟି ଓଡ଼ିଶାକୁ ଆସି ବିଭିନ୍ନ ମେଡିକାଲର ଟ୍ରମା କେୟାର୍ ୟୁନିଟର ସ୍ଥିତି ସମୀକ୍ଷା କରୁଛନ୍ତି। ସେମାନେ ବ୍ରହ୍ମପୁର ବଡ଼ ଡାକ୍ତରଖାନାର ଟ୍ରମା କେୟାର୍ ୟୁନିଟ୍ ବୁଲି ଦେଖିଛନ୍ତି। ଏମକେସିଜି ଟ୍ରମା କେୟାର୍ ୟୁନିଟରେ ଯାହା ସବୁ ସୁବିଧା ଯୋଗାଇ ଦିଆଯାଉଛି ସେଥିରେ କମିଟି ସଦସ୍ୟ ସନ୍ତୋଷ ପ୍ରକାଶ କରିଥିଲେ। ଏମକେସିଜିର ଟ୍ରମା କେୟାର୍ ସେଣ୍ଟର୍ ଲେବଲ୍-୧ରେ ରହିଛି। ଆବଶ୍ୟକ ଅନୁସାରେ ଯାହା ସୁବିଧା ଦରକାର ତାହା ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ।

